**D.A.V. PUBLIC SCHOOLS, POKHARIPUT, BBSR**
**PERIODIC ASSESSMENT - 1 (2021-2022)**
**CLASS – VII**
**SUBJECT – HIGHER ODIA**

**TIME- 60 MINUTES** **Maximum Marks -40**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ପ୍ରଶ୍ନପତ୍ରରେ ସର୍ବମୋଟ **୪୦ଟି ପ୍ରଶ୍ନ** ଅଛି ।
- ପ୍ରତ୍ୟେକ ପ୍ରଶ୍ନର **୪ଟି ( i ) (ii) (iii) (iv) ବହୁବୈକଳ୍ପିକ ଉତ୍ତର** ପ୍ରଦାନ କରାଯାଇଛି ।
- ସେଥିମଧ୍ୟରୁ ଠିକ୍ ଉତ୍ତରଟି ଉତ୍ତରମାଳାରେ ଚିହ୍ନିତ କର ।
- ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ ।

❖ **ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ (ସଂଖ୍ୟା ୧.ରୁ ୫. ପର୍ଯ୍ୟନ୍ତ )ଗୁଡ଼ିକର ଠିକ୍ ଉତ୍ତର ବାଛ । (୪୦X୧=୪୦)**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବ । ସେ ଏକାଧାରରେ ଥିଲେ ଜଣେ ସାହିତ୍ୟିକ, ସଂସ୍କାରକ,ଜନସେବକ, ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ, ସଂଗଠକ ଓ ବାଗ୍ମୀ । ୧୯୦୯ ମସିହାରେ ସେ ସାକ୍ଷୀଗୋପାଳଠାରେ ସତ୍ୟବାଦୀ ବନବିଦ୍ୟାଳୟ ସ୍ଥାପନ କରିଥିଲେ । ବାସ୍ତବରେ ଏହା କେବଳ ବିଦ୍ୟାଳୟ ନଥିଲା,ଥିଲା ଏକ ଆଦର୍ଶ ମଣିଷଗଢ଼ା କାରଖାନା । ନିଃସ୍ୱାର୍ଥ ଜନସେବା, ବିଭୁପ୍ରୀତି ଓ ଦେଶପ୍ରୀତି ଥିଲା ଗୋପବନ୍ଧୁଙ୍କ ଜୀବନର ମହାମନ୍ତ୍ର । ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ,ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ,ଦୁର୍ଗତ ମାନବର ସେବା ଥିଲା ତାଙ୍କ କର୍ମମୟ ଜୀବନର ମହାବ୍ରତ । ସେ 'ସତ୍ୟବାଦୀ' ସାହିତ୍ୟ ପତ୍ରିକା ଓ ଦୈନିକ ସମ୍ବାଦପତ୍ର 'ସମାଜ'ର ଥିଲେ ପ୍ରତିଷ୍ଠାତା । ତାଙ୍କର ରାଜନୀତିକ ଜୀବନଠାରୁ ସାହିତ୍ୟିକ ଜୀବନ ଅଧିକ ଦୀପ୍ତିମନ୍ତ । ତାଙ୍କର ସୃଷ୍ଟିସମୂହ ଧର୍ମପଦ, ଅବକାଶ ଚିନ୍ତା,ବନ୍ଦୀର ଆତ୍ମକଥା, କାରାକବିତା,ଗୋମାହାତ୍ମ୍ୟ ଆଦି ବହୁ ଲୋକପ୍ରିୟତା ଅର୍ଜନ କରିଛି । ପୁରୀ ଜିଲ୍ଲାର ସତ୍ୟବାଦୀ ନିକଟସ୍ଥ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଗୋପବନ୍ଧୁ କେବଳ ପୁରୀ ବା ଓଡ଼ିଶାର ନୁହଁନ୍ତି,ସେ ଥିଲେ ଭାରତମାତାଙ୍କର ଜଣେ ସୁଯୋଗ୍ୟ ସନ୍ତାନ ।

**୧. ଗୋପବନ୍ଧୁ କେଉଁଠାରେ ଜନ୍ମଗ୍ରହଣ କରିଥିଲେ?**

(i) ବାଣପୁର ଠାରେ
(ii) ଶ୍ରୀରାମଚନ୍ଦ୍ରପୁର ଠାରେ
(iii) ସୁଆଣ୍ଡୋ ଗ୍ରାମରେ
(iv) ସତ୍ୟଭାମାପୁର ଗ୍ରାମରେ

**୨. ୧୯୦୯ ମସିହାରେ ସାକ୍ଷୀ ଗୋପାଳଠାରେ ଗୋପବନ୍ଧୁ କ'ଣ ପ୍ରତିଷ୍ଠା କରିଥିଲେ?**

(i) ଡାକ୍ତରଖାନା
(ii) ଅନାଥାଶ୍ରମ
(iii) ଭୂଦାନ କେନ୍ଦ୍ର
(iv) ବିଦ୍ୟାଳୟ

**୩.ଗୋପବନ୍ଧୁଙ୍କ ଜୀବନର ମହାବ୍ରତ କଅଣ ଥିଲା?**

(i) ଦୁର୍ଗତ ମାନବର ସେବା

(ii) ଶିକ୍ଷାଦାନ

(iii) କବିତା ରଚନା

(iv) ଅର୍ଥ ଅର୍ଜନ

**୪. ନିମ୍ନଲିଖିତ କେଉଁଟି ଗୋପବନ୍ଧୁଙ୍କ ରଚନା ନୁହେଁ?**

(i) କାରାକବିତା

(ii) ବନ୍ଦୀର ଆତ୍ମକଥା

(iii) ଗୋ ମାହାତ୍ମ୍ୟ

(iv) କିଶଳୟ

**୫. ଗୋପବନ୍ଧୁ ପ୍ରକାଶ କରିଥିବା ସାହିତ୍ୟ ପତ୍ରିକାର ନାମ କଅଣ?**

(i) ସମାଜ

(ii) ସତ୍ୟବାଦୀ

(iii) ଝଙ୍କାର

(iv) ନିଆଁଖୁଣ୍ଟା

**୬. "ହରିଚନ୍ଦନ" କେଉଁ ଅର୍ଥକୁ ପ୍ରକାଶ କରୁଛି?**

(କ) ଦେବଯୋଗ୍ୟ ସୁବାସିତ ଚନ୍ଦନ

(ଖ) ଗୋପୀଚନ୍ଦନ

(ଗ) ଶ୍ରୀଚନ୍ଦନ

(ଘ) ରକ୍ତଚନ୍ଦନ

(i) ଉଭୟ 'କ' ଓ 'ଗ' ଠିକ୍ କିନ୍ତୁ 'ଖ' ଓ 'ଘ' ଭୁଲ୍

(ii) କେବଳ 'କ' ଠିକ୍ 'ଖ' ,'ଗ' , 'ଘ' ଭୁଲ୍

(iii) 'କ' , 'ଖ' , 'ଗ' ଠିକ୍ ଓ 'ଘ' କେବଳ ଭୁଲ୍

(iv) ଉଭୟ 'କ' ,'ଖ' ଠିକ୍ କିନ୍ତୁ 'ଗ' ,'ଘ' ଭୁଲ୍

**୭.ନିମ୍ନୋକ୍ତ ମଧ୍ୟରୁ କିଏ 'ଅନୁରକ୍ତ'ର ଅର୍ଥକୁ ସୂଚାଉଛି ?**

(i) ବିଶ୍ୱସ୍ତ
(ii) କୃତଘ୍ନ
(iii) ଅନୁରାଗୀ
(iv) ସାଙ୍ଗ

**୮. 'ତମ' କହିଲେ କ'ଣ ବୁଝ?**

(i) **ଅନ୍ଧକାର**
(ii) ଦିଗ
(iii) ରାଗ
(iv) ରାତି

**୯. 'ଶ୍ରେଷ୍ଠ- ଗଛ ବିଶେଷ' ର ଅର୍ଥ ପ୍ରକାଶିତ ଶବ୍ଦ ଦୁଇଟିକୁ ଚିହ୍ନାଅ I**

a) ରାତି- ମାଦକ ଦ୍ରବ୍ୟ
b) ଧନହୀନ- ବିନାଶ
c) ବର -ବର
d) ଆଧିକ୍ୟ -ବେଶଧାରୀ

**(i)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।
**(ii)** କେବଳ (a) ଠିକ୍ କିନ୍ତୁ (b) , (c) ଓ (d) ଭୁଲ୍ ।
**(iii)** କେବଳ(b) ଠିକ୍ ଏବଂ (d) , (c) ଓ (a) ଭୁଲ୍ ।
**(iv)** କେବଳ (c) ଠିକ୍ କିନ୍ତୁ (a), (b) ଓ (d) ଭୁଲ୍ ।

**୧୦.'ନିଶା ଓ ନିଶା'ର ଅର୍ଥ ପ୍ରକାଶ କରୁଥିବା ଶବ୍ଦ ଦୁଇଟିକୁ ବାଛ I**

**(i)** ରାତି, ମାଦକ ଦ୍ରବ୍ୟ
**(ii)** ଧନହୀନ, ବିନାଶ
**(iii)** ଶ୍ରେଷ୍ଠ, ଆଶୀର୍ବାଦ
**(iv)** କାନ, ବେଦ

**୧୧. 'ନିଧନ ଓ ନିଧନ' ଶବ୍ଦଦ୍ୱୟର ଉପଯୁକ୍ତ ଅର୍ଥକୁ ବାଛି ଲେଖ ।**

**(i)** ଆଧିକ୍ୟ, ବେଶଧାରୀ

**(ii)** ଧନ, ଜୀବନ

**(iii)** ରାତି, ମାଦକ ଦ୍ରବ୍ୟ

**(iv)** ଧନହୀନ, ବିନାଶ

**୧୨.କେଉଁଟି 'ଗଗନ'ର ପ୍ରତିଶବ୍ଦ ନୁହେଁ ?**

(କ) ନଭ

(ଖ) ଆକାଶ

(ଗ) ଅମ୍ବର

(ଘ) ଚନ୍ଦ୍ରଜାୟା

(i) ଉଭୟ 'କ' ଓ 'ଗ' ଠିକ୍ କିନ୍ତୁ 'ଖ' ଓ 'ଘ' ଭୁଲ୍

(ii) କେବଳ 'କ' ଠିକ୍ 'ଖ' ,'ଗ' , 'ଘ' ଭୁଲ୍

(iii) 'କ' , 'ଖ' , 'ଗ' ଠିକ୍ ଓ 'ଘ' କେବଳ ଭୁଲ୍

(iv) କେବଳ 'ଘ' ଠିକ୍ 'କ' 'ଖ' ,'ଗ' ଭୁଲ୍

**୧୩. କେଉଁ ଶବ୍ଦଟି 'ନୟନ'ର ପ୍ରତିଶବ୍ଦକୁ ବୁଝାଉଛି ?**

(i) ବଦନ

(ii) ତନୁ

(iii) ନେତ୍ର

(iv) କ୍ରନ୍ଦନ

**୧୪.'ମହତ' କାହାର ବିପରୀତ ଅର୍ଥବୋଧକ ଶବ୍ଦ ?**

**a)** ଭଲ

**b)** ହୀନ

**c)** ବଡ଼

**d)** ଦୁର୍ବଳ

**(i)** କେବଳ (a) ଠିକ୍ କିନ୍ତୁ (b) , (c) ଓ (d) ଭୁଲ୍ ।

**(ii)** କେବଳ(b) ଠିକ୍ ଏବଂ (d) , (c) ଓ (a) ଭୁଲ୍ ।

**(iii)** କେବଳ (c) ଠିକ୍ କିନ୍ତୁ (a), (b) ଓ (d) ଭୁଲ୍ ।

**(iv)** ଉଭୟ (c) ଏବଂ (d) ଠିକ୍ କିନ୍ତୁ (a) ଓ (b) ଭୁଲ୍ ।

**୧୫.'ଆନନ୍ଦ'ର ବିପରୀତ ଶବ୍ଦ କ'ଣ ହେବ ?**

**(i)** ନିରାନନ୍ଦ

**(ii)** ନିତ୍ୟାନନ୍ଦ

**(iii)** ସଦାନନ୍ଦ

**(iv)** ବ୍ରହ୍ମାନନ୍ଦ

**୧୬. 'ନନ୍ଦନ'ର ଲିଙ୍ଗ ପରିବର୍ତ୍ତନ କଲେ କ'ଣ ହେବ?**

(କ) ଜନନୀ

(ଖ) ନନ୍ଦନା

(ଗ) ଭଗିନୀ

(ଘ) ବୃଦ୍ଧା

(i) ଉଭୟ 'କ' ଓ 'ଗ' ଠିକ୍ କିନ୍ତୁ 'ଖ' ଓ 'ଘ' ଭୁଲ୍

(ii) ସମସ୍ତ 'କ' , 'ଖ' , 'ଗ' ଠିକ୍ କିନ୍ତୁ 'ଘ' ଭୁଲ୍

(iii) କେବଳ 'ଖ' ଠିକ୍ 'କ' ,'ଗ' , 'ଘ' ଭୁଲ୍

(iv) ଉଭୟ 'ଗ' ,'ଘ' ଠିକ୍ କିନ୍ତୁ 'ଖ' ,'କ' ଭୁଲ୍

**୧୭. 'ନର'ର ଲିଙ୍ଗ ପରିବର୍ତ୍ତନ କଲେ କ'ଣ ହେବ?**

(i) ଭଗିନୀ

(ii) କନ୍ୟା

(iii) ନାରୀ

(iv) ରାଣୀ

**୧୮. ମାତା ଯଶୋଦା ନିଜକୁ ଡଙ୍କୁଣୀ ବୋଲି କାହିଁକି କହିଛନ୍ତି ?**

କ) ଶ୍ରୀକୃଷ୍ଣଙ୍କୁ କଠାଉ, ଛତା ଦେଇ ନ ଥିବାରୁ

ଖ) ନିଶାଚର ମାତିଥିବା ଶୁଣି ମଧ୍ଯ ଶ୍ରୀକୃଷ୍ଣଙ୍କୁ ବଣକୁ ଛାଡ଼ିଥିବାରୁ

ଗ) ଶ୍ରୀକୃଷ୍ଣ ପଥଶ୍ରମ ପାଇଥିବାରୁ

ଘ) ଶ୍ରୀକୃଷ୍ଣଙ୍କ ଦେହରେ ଖରାବାଜି ଝାଳ ବହୁଥିବାରୁ

(i) ଉଭୟ 'କ' ଓ 'ଗ' ଠିକ୍ କିନ୍ତୁ 'ଖ' ଓ 'ଘ' ଭୁଲ୍

(ii) କେବଳ 'ଖ' ଠିକ୍ 'କ' ,'ଗ' , 'ଘ' ଭୁଲ୍

(iii) 'କ' , 'ଖ' , 'ଗ' ଭୁଲ୍ ଓ 'ଘ' କେବଳ ଠିକ୍

(iv) କେବଳ 'ଘ' ଠିକ୍ 'କ' 'ଖ' ,'ଗ' ଭୁଲ୍

୧୯."କଳାମାଣିକରେ" କବିତାରେ ମାତାଙ୍କର କେଉଁ ମୁଖ୍ୟଭାବ କବି ପ୍ରକାଶ କରିଛନ୍ତି?

(i) ମାତୃ ହୃଦୟର ସ୍ନେହ
(ii) ମାତୃ ହୃଦୟର ପ୍ରେମ
(iii) ସନ୍ତାନର ମୋହ
(iv) ବାତ୍ସଲ୍ୟମୟୀ ମାତୃହୃଦୟର ଆବେଗ

୨୦.ନିମ୍ନୋକ୍ତ ମଧ୍ୟରୁ କଏ ରୀତିଯୁଗର କବି ?

(i) ଗଙ୍ଗାଧର ମେହେର
(ii) ସଚ୍ଚିଦାନନ୍ଦ ରାଉତରାୟ
(iii) ଅଭିମନ୍ୟୁ ସାମନ୍ତସିଂହାର
(iv) ଗୋପବନ୍ଧୁ ଦାସ

୨୧.'ବିଦଗ୍ଧ ଚିନ୍ତାମଣି' କାବ୍ୟର ସତଷଠି ଛାନ୍ଦରେ କେଉଁ କବିତାଟି ଅଛି ?

a) ଉଠିଲୁ ଏଡ଼େବେଗି କାହିଁକିରେ
b) ଦୁଃଖୀଧନ ନୀଳମଣିରେ
c) ଉଠ ନିଶି ପାହିଲା ଏଥରରେ
d) କଳାମାଣିକରେ

**(i)** କେବଳ (a) ଠିକ୍ କିନ୍ତୁ (b) , (c) ଓ (d) ଭୁଲ୍ ।
**(ii)** କେବଳ(c) ଠିକ୍ ଏବଂ (b) , (d) ଓ (a) ଭୁଲ୍ ।
**(iii)** ଉଭୟ (a) ଏବଂ (d) ଠିକ୍ କିନ୍ତୁ (c) ଓ (b) ଭୁଲ୍ ।
**(iv)** କେବଳ (d) ଠିକ୍ କିନ୍ତୁ (a), (b) ଓ (c) ଭୁଲ୍ ।

୨୨.କିଏ ମାତିବା କଥା ଯଶୋଦାଙ୍କ କାନକୁ ଶୁଭିଛି ?

**(i)** ଦେବ
**(ii)** କିନ୍ନର
**(iii)** ମାନବ
**(iv)** ଦାନବ

**୨୩. ଶ୍ରୀକୃଷ୍ଣଙ୍କର କେଉଁ ଖାଦ୍ୟପ୍ରତି ଅଧିକ ଆଗ୍ରହ ଥିଲା ?**

(i) ସର

(ii) ଲବଣି

(iii) ଗୋଟିକା

(iv) ଅଧାମ

**୨୪ .ମଧୁସୂଦନ ରାଓ କେଉଁ ଚିନ୍ତାଧାରାକୁ ଆଧାର କରି ପ୍ରବନ୍ଧ ଓ କବିତାମାନ ଲେଖୁଥିଲେ ?**

**(i)** ପାଶ୍ଚାତ୍ୟ

**(ii)** ବୈଦିକ

**(iii)** ଦ୍ରାବିଡ଼

(iv) ଅତ୍ୟାଧୁନିକ

**୨୫.ରାମଚନ୍ଦ୍ର କେଉଁ ଯଜ୍ଞ କରିବାକୁ ସଂକଳ୍ପ କଲେ?**

(କ) ରାଜସୂୟ

(ଖ) ବିଶ୍ୱଜିତ

(ଗ) ଅଶ୍ୱମେଧ ଯଜ୍ଞ

(ଘ) ବିଶ୍ୱଶାନ୍ତି

(i) ଉଭୟ 'କ' ଓ 'ଖ' ଠିକ୍ କିନ୍ତୁ 'ଗ' ଓ 'ଘ' ଭୁଲ୍

(ii) ସମସ୍ତ 'କ' , 'ଖ' , 'ଗ' ଓ 'ଘ' ଭୁଲ୍

(iii) କେବଳ 'ଗ' ଠିକ୍ 'କ' ,'ଖ' , 'ଘ' ଭୁଲ୍

(iv) ଉଭୟ 'କ' ,'ଘ' ଠିକ୍ କିନ୍ତୁ 'ଗ' ,'ଖ' ଭୁଲ୍

**୨୬ .କିଏ କୁଶ ଓ ଲବଙ୍କୁ ଘେନି ଯଜ୍ଞ ସ୍ଥାନରେ ଉପସ୍ଥିତ ହେଲେ ?**

(i) ଦଶରଥ

(ii) ବାଲ୍ମୀକି

(iii) ଲକ୍ଷ୍ମଣ

(iv) ବୀର ହନୁମାନ

**୨୭. ଦଶରଥ କେଉଁ ପରିସ୍ଥିତିରେ ପ୍ରାଣ ତ୍ୟାଗ କଲେ ? ନିମ୍ନଲିଖିତ ଉକ୍ତିଗୁଡ଼ିକୁ ପଢ଼ ଓ ଠିକ୍ ଉତ୍ତରକୁ ଚିହ୍ନିତ କର ।**

(କ) ଦଶରଥ  କୈକେୟୀଙ୍କ ଦ୍ୱିତୀୟ ବରରେ ଅତ୍ୟନ୍ତ ମ୍ରିୟମାଣ ହୋଇପଡ଼ିଥିଲେ ।

(ଖ) କୈକେୟୀ ରାମଙ୍କୁ ଚଉଦବର୍ଷ ବନବାସକୁ ପ୍ରେରଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ।

(ଗ) ରାମଙ୍କର ବନବାସ ଯନ୍ତ୍ରଣା କଥା ଚିନ୍ତାକରି ସେ ଅସମୟରେ ପ୍ରାଣ ତ୍ୟାଗ କଲେ ।

(ଘ) ରାମଚନ୍ଦ୍ର ରାଜା ହେବେ ଏ କଥା ଶୁଣି ଦଶରଥ ପ୍ରାଣ ତ୍ୟାଗ କଲେ ।

(i)  'କ' , 'ଗ' ଠିକ୍ ଓ 'ଖ' , 'ଘ' ଭୁଲ

(ii)  'ଖ' ଭୁଲ୍ 'କ' ,'ଗ' , 'ଘ' ଠିକ୍

(iii)  'କ' , 'ଖ' , 'ଗ' ଠିକ୍ ଓ 'ଘ' ଭୁଲ୍

(iv)  'କ' , 'ଖ' ଠିକ୍ ଓ 'ଗ' ,'ଘ' ଭୁଲ୍

**୨୮.କିଏ ରାମଙ୍କୁ ଦ୍ୱିତୀୟବାର ବିବାହ କରିବାକୁ କହିଲେ ?**

(i) ପାତ୍ରମିତ୍ରମାନେ

(ii) ଦେବତାମାନେ

(iii) ରାକ୍ଷସମାନେ

(iv) ପ୍ରଜାଗଣ

**୨୯. ରାବଣକୁ 'ଦୁର୍ମତି'ବୋଲି କହିବାର କାରଣ କଣ ? ନିମ୍ନଲିଖିତ ଉକ୍ତିଗୁଡ଼ିକୁ ପଢ ଓ ଠିକ୍ ଉତ୍ତରଟିକୁ ବାଛ ।**

(କ) ରାବଣମନରେ ଗର୍ବ ଓ ଅହଂକାର ଥିବାରୁ ସେ ଖୁବ୍ ଅନ୍ୟାୟ ଓ ଅତ୍ୟାଚାର କରୁଥିଲା  ।

(ଖ) ରାବଣ ବହୁ ଜ୍ଞାନୀ ଥିଲେ ମଧ୍ୟ ତା'ର ମତି କଳୁଷିତ ଥିଲା ।

(ଗ) ରାବଣର ଚିନ୍ତାଧାରା ବିକୃତ ଥିଲା  ।

(ଘ) ରାବଣର ମତି ଓ ଚିନ୍ତାଧାରା କଳୁଷିତ ହୋଇଥିବାରୁ ସେ ଦୁର୍ମତି ପଦବାଚ୍ୟ ।

(i)  'କ' , 'ଖ'   'ଘ' , ଠିକ୍  'ଗ' ଭୁଲ

(ii)  'ଖ' ଭୁଲ୍ 'କ' ,'ଗ' , 'ଘ' ଠିକ୍

(iii)  'କ' , 'ଖ' , 'ଗ'  ଓ 'ଘ' ସମସ୍ତ ଠିକ୍

(iv)  'କ' , 'ଖ'  'ଗ'  ଓ ,'ଘ' ଭୁଲ୍

**୩୦.'ତାରା-ସୂର୍ଯ୍ୟ' କବିତାଟି କେଉଁ କବିତା ସଙ୍କଳନରୁ ଆନୀତ?**

(କ) କୃଷକ ସଂଗୀତ

(ଖ) ଇନ୍ଦୁମତୀ

(ଗ) ତପସ୍ୱିନୀ

(ଘ) ଅର୍ଘ୍ୟଥାଳୀ

(i) ଉଭୟ 'କ' ଓ 'ଖ' ଠିକ୍ କିନ୍ତୁ 'ଗ' ଓ 'ଘ' ଭୁଲ୍

(ii) ସମସ୍ତ 'କ' , 'ଖ' , 'ଗ' ଓ 'ଘ' ଭୁଲ୍

(iii) କେବଳ 'ଗ' ଠିକ୍ 'କ' ,'ଖ' , 'ଘ' ଭୁଲ୍

(iv) କେବଳ 'ଘ' ଠିକ୍ 'କ' ,'ଖ' , 'ଗ' ଭୁଲ୍

**୩୧.କାହାର କେଉଁ କଥାରେ କିଛି ଯାଏ ଆସେ ନଥାଏ?**

(i) ସବଳ ଲୋକର

(ii) ଦୁର୍ବଳ ଲୋକର

(iii) ହୀନ ଲୋକର

(iv) ମହତ ଲୋକର

**୩୨.ଆମ ରାଜ୍ୟରେ ଆମ ରବି ଆମର କ'ଣ କ୍ଷୟ କରେ?**

(i) ଆଲୋକ

(ii) ତମ

(iii) ଧନ

(iv) ଜୀବନ

**୩୩. ସେହିଠାରେ ତୁମ୍ଭର କେଉଁ ପଣ ଥିବା କଥା କବିତାରେ କୁହାଯାଇଛି ?**

(କ)ବଡ଼ପଣ

(ଖ)କ୍ଷୁଦ୍ରପଣ

(ଗ)ରବିପଣ

(ଘ)ଚନ୍ଦ୍ରପଣ

(i) ଉଭୟ 'କ' ଓ 'ଖ' ଠିକ୍ କିନ୍ତୁ 'ଗ' ଓ 'ଘ' ଭୁଲ୍

(ii) ସମସ୍ତ 'କ' , 'ଖ' , 'ଗ' ଓ 'ଘ' ଭୁଲ୍

(iii) କେବଳ 'ଗ' ଠିକ୍ 'କ' ,'ଖ' , 'ଘ' ଭୁଲ୍

(iv) କେବଳ 'ଘ' ଠିକ୍ 'କ' ,'ଖ' , 'ଗ' ଭୁଲ୍

**୩୪. ଯାହାକୁ ଯେପରି ଦେଖାଯାଏ,ସେ ସେପରି କ'ଣ କରେ?**

(i) ଲେଖେ

(ii) କହେ

(iii) ଦେଖେ

(iv) ଶିଖେ

**୩୫. ଗଙ୍ଗାଧର ମେହେର କେଉଁ କବି ରୂପେ ପରିଚିତ ?**

(i) ସ୍ୱଭାବକବି

(ii) ଭକ୍ତକବି

(iii) ପଲ୍ଲୀକବି

(iv) ବିଦଗ୍ଧକବି

**୩୬.ରମାଦେବୀଙ୍କର ବାପାଙ୍କ ନାମ କ'ଣ?**

(i) ଉତ୍କଳଗୌରବ ମଧୁସୂଦନ ଦାସ

(ii) ଗୋପାଳବଲ୍ଲଭ ଦାସ

(iii) ଗୋପବନ୍ଧୁ ଚୌଧୁରୀ

(iv) ଗୋପବନ୍ଧୁ ଦାସ

**୩୭.ରମାଦେବୀଙ୍କ ମନରୁ କାହାର ଛାପ ଲିଭିନଥିଲା?**

(i)ଅରବିନ୍ଦ

(ii) ଗୋପବନ୍ଧୁ

(iii)ମଧୁସୂଦନ ଦାସ

(iv)ଖୁଦିରାମ

**୩୮. "କଅଣ କହିବାକୁ ଆସିଛ କହୁନା ।" - ଏହି ଉକ୍ତିଟି କିଏ କାହାକୁ କହିଛି ?**

(କ) ବାପା ରମାଦେବୀଙ୍କ ମାଆଙ୍କୁ

(ଖ) ରମାଦେବୀ ତାଙ୍କ ବାପାଙ୍କୁ

(ଗ) ନିଜେ ରମାଦେବୀ ତାଙ୍କ ଅପାଙ୍କୁ

(ଘ) ବାପା ତାଙ୍କ ଦୁଇ ଝିଅଙ୍କୁ

(i) କେବଳ'ଗ' ଠିକ୍ 'କ' ,'ଖ' , ଓ 'ଘ' ଭୁଲ୍

(ii) 'କ' ,'ଖ' ଭୁଲ୍ ଓ 'ଗ' ,'ଘ' ଠିକ୍

(iii) କେବଳ'ଖ' ଠିକ୍ 'କ' , 'ଗ' ଓ 'ଘ' ଭୁଲ୍

(iv) କେବଳ'ଘ' ଠିକ୍ 'କ' , 'ଖ' , ଓ 'ଗ' ଭୁଲ୍

**୩୯. ଏଥିମଧ୍ୟରୁ ବଙ୍କିମଚନ୍ଦ୍ରଙ୍କ କୃତିକୁ ଚିହ୍ନାଅ ।**

(କ)ଗୀତାଞ୍ଜଳି

(ଖ)ଦେବୀ ଚୌଧୁରାଣୀ

(ଗ)ଉତ୍କଳ ଗାଥା

(ଘ)ଆନନ୍ଦ ମଠ

(i) ଉଭୟ 'କ' , 'ଗ' ଠିକ୍ ଓ 'ଖ' , 'ଘ' ଭୁଲ

(ii) 'ଖ' ଭୁଲ୍ ଓ 'କ' ,'ଗ' , 'ଘ' ଠିକ୍

(iii) 'ଖ' , 'ଘ' , 'ଠିକ୍ ଓ 'କ' 'ଗ' ଭୁଲ୍

(iv) ଉଭୟ 'କ' ,'ଖ' ଠିକ୍ ଓ 'ଗ' ,'ଘ' ଭୁଲ୍

**୪୦. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ପ୍ରଶ୍ନରେ ଧାରଣା ପାଇଁ (ଅ) ଏବଂ କାରଣ ନିମନ୍ତେ (ଆ) ଭାବରେ ଚିହ୍ନିତ ଦୁଇଟି ଉକ୍ତି ଅଛି । ନିମ୍ନରେ ଦିଆଯାଇଥିବା କୋଡ୍ ଅନୁଯାୟୀ ନିଜର ଉତ୍ତର ଚିହ୍ନିତ କର :**

**ଧାରଣା (ଅ):** ଫାଶୀ ପୂର୍ବଦିନ କଏଦୀକୁ ତା'ର ଇଚ୍ଛା ପଚରାଯାଇଥାଏ ।

**କାରଣ (ଆ):** ଆମ ଶାସ୍ତ୍ର ଅନୁସାରେ ଇଚ୍ଛା ପୂରଣ ନକରି ମୃତ୍ୟୁଦଣ୍ଡ ଦେଲେ ସେହି ଆତ୍ମା ଅଶାନ୍ତରୁହେ , ସେ ଆତ୍ମାକୁ ଶାନ୍ତିମିଳେ ନାହିଁ । ଏହାକୁ ଆଧାର କରି ଆମ ଶାସନ ବ୍ୟବସ୍ଥାରେ ଏକ ପରମ୍ପରା ଆଜି ପର୍ଯ୍ୟନ୍ତ ରହି ଆସିଛି କି ଫାଶୀ ପୂର୍ବଦିନ କଏଦୀକୁ ତାର ଶେଷ ଇଚ୍ଛା ପଚାଯାଏ ଓ ସେ ଯାହା କହେ ତାହା ଆଇନସଙ୍ଗତ ହୋଇଥିଲେ ପୂରଣ କରାଯାଏ । ସାଧାରଣତଃ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ , ଈଶ୍ୱରଙ୍କୁ ଆରାଧନା ନିମନ୍ତେ ଆବଶ୍ୟକୀୟ ଉପକରଣ , ପରିବାରବର୍ଗଙ୍କ ସହିତ ସାକ୍ଷାତ କରିବା ଭଳି ଇଚ୍ଛାକୁ ପୂରଣ କରାଯାଇଥିବାର ଅନେକ ଦୃଷ୍ଟାନ୍ତ ଏ କ୍ଷେତ୍ରରେ ଦେଖିବାକୁ ମିଳିଥାଏ ।

(i) ଉଭୟ (ଅ) , (ଆ) ମିଥ୍ୟା ଏବଂ (ଆ) ହେଉଛି (ଅ)ର ଅସଙ୍ଗତ ବ୍ୟାଖ୍ୟା ।

(ii) ଉଭୟ (ଅ) , (ଆ) ସତ ଏବଂ (ଆ) , (ଅ) ର ପ୍ରକୃତ ସତ୍ୟତାକୁ ବ୍ୟାଖ୍ୟା କରୁଛି ।

(iii) (ଅ) ସତ କିନ୍ତୁ (ଆ) ମିଥ୍ୟା ଅଟେ ।

(iv) ଉଭୟ (ଅ) ଏବଂ (ଆ) ମିଥ୍ୟା ଅଟେ ।

*************